
# ସତ୍ୟବାର୍ତ୍ତା

MAR & APRIL
2007



"... for me and my house, we will serve the LORD" (Josh 24 ...

**AN ORIYA BIMONTHLY BULLETIN**
**PUBLISHED BY THE CHURCH OF CHRIST**

# THE VOICE OF TRUTH

Edited & Published By
Joshua & Kabita Gootam

## CHURCH OF CHRIST

P.O.Box.No 80, Kakinada
A.P. - 533 001.
Ph : 0884 - 2363722

**VOL.12. MAR & APRIL 2007 (NO.2)**

Published every two months in Oriya Language for the Restoration of pure New Testament Christianity

Watch SATYA VANI on TEJA Channel Every Saturday and every Tuesday on MAA TV at 6:30 a.m. and every Thursday on VISSA TV at 7:00 a.m. in Telugu Language.

**Speakers : Joshua Gootam & Ricky Gootam**

---

Write for free Bible Correspondence Course in Telugu & Oriya to:

The Director
Bible Correspondence Course
P.O.Box. 80, KAKINADA - 533 001.

# ସତ୍ୟବାଣୀ
# VOICE OF TRUTH

VOL - XII KAKINADA MAR-APR

## ଆରାଧନାର ଅର୍ଥ
## (The meaning of worship)

ଆରାଧନା ପଦର ଅର୍ଥ ସେବା କରିବା, ପ୍ରଶଂସା କରିବା, ମହିମାନ୍ୱିତ କରିବା ଓ ସମ୍ମାନିତ କରିବା । ଏକ ବ୍ୟକ୍ତି ଆପଣା ଠାରୁ ଅଧିକତର ମହାନ ବ୍ୟକ୍ତିତ୍ୱର ଆରାଧନା କରେ । ଏ ବିଷୟ ଆଉ କିଛି ବିଶ୍ଳେଷଣ କରି ଦେଖିବା :-

### ୧) ସେବା ପରିଚର୍ଯ୍ୟା ଦ୍ୱାରା ଆରାଧନା :-

ଏପରି ସ୍ଥଳେ ସେବାର ଅର୍ଥ ପରିଚର୍ଯ୍ୟା, ଆଜ୍ଞାବହ ହେବା, କାର୍ଯ୍ୟ କରିବା, ଉପାସନା କରିବା । ପରମେଶ୍ୱରଙ୍କ ସନ୍ତାନମାନେ ତାହାଙ୍କ ସେବକ ଓ ସେ ପ୍ରଭୁ ଅଟନ୍ତି ବୋଲି ବାକ୍ୟ ଆମ୍ଭମାନଙ୍କୁ କହେ । ପାଉଲ ଆପଣାକୁ ପରମେଶ୍ୱରଙ୍କ ଏକ ସେବକ ବା ପରିଚାର୍ଯ୍ୟକ ରୂପେ ଉପସ୍ଥାପନା କରନ୍ତି । ପାଉଲ ଆପଣା ବିଷୟରେ କହନ୍ତି, ''ପାଉଲ, ଖ୍ରୀଷ୍ଟ ଯୀଶୁଙ୍କ ଦାସ ଓ ଆହୂତ ଜଣେ ପ୍ରେରିତ, ପୁଣି ଈଶ୍ୱର ଆପଣା ପୁତ୍ର ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ସମ୍ବନ୍ଧରେ ନିଜର ଯେଉଁ ସୁସମାଚାର ଧର୍ମଶାସ୍ତ୍ରରେ ଆପଣା ଭାବବାଦୀମାନଙ୍କ ଦ୍ୱାରା ପୂର୍ବରେ ପ୍ରତିଜ୍ଞା କରିଥିଲେ, ସେହି ସୁସମାଚାର ନିମନ୍ତେ ପୃଥକୀକୃତ ।'' (ରୋମୀୟ ୧:୧) ୨ ପିତର ଓ ଯାକୁବ ଆପଣା ବିଷୟରେ ସମଭାବ ୧ମ ପିତର ୧:୧ ଓ ଯାକୁବ ୧:୧ ପଦରେ ପ୍ରକାଶ କରିଅଛନ୍ତି । ଏହାର ଅର୍ଥ କଅଣ ? ସେମାନେ ଆପଣାର ସର୍ବସ୍ୱ ଦେଇ ପରମେଶ୍ୱରଙ୍କ ସେବା କରୁଥିଲେ । ଆମ୍ଭେମାନେ ମଧ୍ୟ ସେମାନଙ୍କ ସଦୃଶ୍ୟ ସଦାପ୍ରଭୁ ପରମେଶ୍ୱରଙ୍କ ସେବା ପରିଚର୍ଯ୍ୟା କରୁ । ''କିନ୍ତୁ ଏବେ ପାପର ଅଧୀନତାରୁ ମୁକ୍ତି ହୋଇ ଈଶ୍ୱରଙ୍କ ଦାସ ହେବାକୁ ତୁମ୍ଭେମାନେ ପବିତ୍ରତା ଉଦ୍ଦେଶ୍ୟରେ ଫଳ ପାଇଅଛ, ଆଉ ଏଥିର ପରିମାଣ ଅନନ୍ତ ଜୀବନ ।'' (ରୋମୀୟ ୬:୨୨)

ସଦାପ୍ରଭୁ ଆମ୍ଭମାନଙ୍କ ନିକଟରୁ କେଉଁ ପ୍ରକାର ସେବା ଆଶା କରନ୍ତି, ସେ ବିଷୟରେ ପାଉଲ କହନ୍ତି, ‘‘ସମ୍ପୂର୍ଣ୍ଣ ନମ୍ର ମନରେ ଅଶ୍ରୁପାତ ସହିତ ଯିହୂଦୀମାନଙ୍କର ନାନା ଷଡ଼ଯନ୍ତ୍ର ହେତୁ, ମୋତେ ଯେ ଯେ ପରୀକ୍ଷା ପରୀକ୍ଷା ଘଟୁଥିଲା, ସେହିସବୁ ମଧ୍ୟରେ କିପରି ପ୍ରଭୁଙ୍କ ସେବା କରୁଥିଲି......’’ (ପ୍ରେରିତ ୨୦:୧୯) । ‘‘ଏଣୁ ତୁମ୍ଭମାନଙ୍କର ଉତ୍ତମ ବିଷୟ ନିନ୍ଦିତ ନ ହେଉ । କାରଣ ଈଶ୍ୱରଙ୍କ ରାଜ୍ୟ ଭୋଜନପାନ ନୁହେଁ, କିନ୍ତୁ ଧାର୍ମିକତା, ଶାନ୍ତି ଓ ପବିତ୍ର ଆତ୍ମାଙ୍କ ଠାରେ ଆନନ୍ଦ ଅଟେ । ଯେଣୁ ଯେ ଏହି ବିଷୟରେ ଖ୍ରୀଷ୍ଟଙ୍କର ସେବା କରେ, ସେ ଈଶ୍ୱରଙ୍କ ନିକଟରେ ସୁଗ୍ରାହ୍ୟ ଓ ମନୁଷ୍ୟମାନଙ୍କ ନିକଟରେ ପରୀକ୍ଷାସିଦ୍ଧ ହୁଏ । ଅତଏବ ଆସ ଯେ ଯେ ବିଷୟ ଶାନ୍ତିଜନକ, ଆଉ ଯେ ଯେ ବିଷୟ ଦ୍ୱାରା ପରସ୍ପରର ନିଷ୍ଠା ହୁଏ, ସେହିସବୁର ଆମ୍ଭେମାନେ ଅନୁଗମନ କରୁ ।’’ (ରୋମୀୟ ୧୪:୧୬-୧୯) ‘‘ଉଦ୍‌ଯୋଗରେ ଶିଥିଳ ହୁଅ ନାହିଁ, ଆତ୍ମାରେ ଉତ୍ତପ୍ତ ହୁଅ ।’’ (ରୋମୀୟ ୧୨:୧୧)

ଆମ୍ଭମାନଙ୍କ ଉପାସନା ବିଷୟରେ ପାଉଲ କହନ୍ତି,‘‘ଅତଏବ, ହେ ଭାଇମାନେ, ମୁଁ ତୁମ୍ଭମାନଙ୍କୁ ଈଶ୍ୱରଙ୍କ ଦୟା ହେତୁ ବିନୀତ କରୁଅଛି, ତୁମ୍ଭେମାନେ ଆପଣା ଆପଣା ଶରୀରକୁ ସଜୀବ, ପବିତ୍ର ଓ ଈଶ୍ୱରଙ୍କ ସୁଗ୍ରାହ୍ୟ ବଳିରୂପେ ଉତ୍ସର୍ଗ କର, ଏହା ତ ତୁମ୍ଭମାନଙ୍କର ଯୁକ୍ତିଯୁକ୍ତ ଉପାସନା ।’’ (ରୋମୀୟ ୧୨:୧) ‘‘ଏହା ଜାଣି ମନୁଷ୍ୟର ସେବା କଲା ପରି ନୁହେଁ, ମାତ୍ର ପ୍ରଭୁଙ୍କ ସେବା କଲା ପରି ସ୍ୱଚ୍ଛନ୍ଦରେ ସେବା କର ।’’ (ଏଫିସୀ ୬:୮) ପ୍ରଭୁଯୀଶୁ ଥୁଆତୀରା, ମଣ୍ଡଳୀକୁ ଲେଖନ୍ତି,‘‘ଆମ୍ଭେ ତୁମ୍ଭର କର୍ମ, ପ୍ରେମ, ବିଶ୍ୱାସ, ସେବା ଓ ଧୈର୍ଯ୍ୟ ଜାଣୁ, ପୁଣି ତୁମ୍ଭର ବର୍ତ୍ତମାନ କର୍ମ ତୁମ୍ଭର ପୂର୍ବ କର୍ମଗୁଡ଼ିକ ଅପେକ୍ଷା ଯେ ଅଧିକ, ଏହା ମଧ୍ୟ ଜାଣୁ ।’’ (ପ୍ରକାଶିତ ୨:୧୯)

## ୨) ପ୍ରଶଂସା କରି ତାହାଙ୍କ ଆରାଧନା କରିବା :

ପାଉଲ ଓ ଶୀଲା କାରାଗାରରେ ବନ୍ଦୀ ଅବସ୍ଥାରେ ଅଧାରାତ୍ରରେ ପାଉଲ ଓ ଶୀଲା ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ଓ ସ୍ତବଗାନ କରୁଥିଲେ, ଆଉ ବନ୍ଦୀମାନେ ଶୁଣୁଥିଲେ ।’’ (ପ୍ରେରିତ ୧୬:୨୫) ସଦାପ୍ରଭୁ ଆମ୍ଭମାନଙ୍କୁ ଅପାର ପ୍ରେମ କରି, ବିପୁଳଭାବେ ଆଶୀର୍ବାଦ କରିଥିବାରୁ ଆମ୍ଭେମାନେ ତାହାଙ୍କ ପ୍ରଶଂସା କରୁ । ‘‘ଯେପରି ଖ୍ରୀଷ୍ଟଙ୍କ ଠାରେ ପୂର୍ବରୁ ଭରସା କରିଥିଲୁ ଯେ ଆମ୍ଭେମାନେ, ଖ୍ରୀଷ୍ଟଙ୍କ ଠାରେ ପୂର୍ବ ଭରସା କରିଥିଲୁ ଯେ ଆମ୍ଭେମାନେ, ଆମ୍ଭେମାନେ ଈଶ୍ୱରଙ୍କ ଗୌରବର ପ୍ରଶଂସା

କାରଣ ହେଉ, (ଏଫିସୀ ୧:୧୨) ଏବ୍ରୀ ପୁସ୍ତକକର୍ତ୍ତା କହନ୍ତି,''ଏଣୁ ଆସ, ତାହାଙ୍କ ଦ୍ୱାରା ଆମ୍ଭେମାନେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ପ୍ରଶଂସାରୂପ ବଳି, ଅର୍ଥାତ୍ ତାହାଙ୍କ ନାମ ସ୍ୱୀକାର କରି ଓଷ୍ଠାଧାରର ଫଳ ନିତ୍ୟ ଉତ୍ସର୍ଗ କରୁ ।'' (ଏବ୍ରୀ ୧୩:୧୫) ସପ୍ତାହର ପ୍ରଥମ ଦିନରେ ପ୍ରତ୍ୟେକ ଖ୍ରୀଷ୍ଟିୟାନ ରୁଣ୍ଡ ହୋଇ ଧ୍ୟାନ ଦେଇ ତାହାଙ୍କୁ ଆରାଧନା କରୁ ।

## ୩) ତାହାଙ୍କୁ ଗୌରବାନ୍ୱିତ କରି ତାହାଙ୍କ ଆରାଧନା କରୁ :

ଖ୍ରୀଷ୍ଟ କହିଲେ,''.....ମାତ୍ର ସମସ୍ତେ ପିତାଙ୍କୁ ଯେଉଁ ପ୍ରକାରେ ସମାଦର କରନ୍ତି, ସେହି ପ୍ରକାରେ ପୁତ୍ରଙ୍କୁ ମଧ୍ୟ ଯେପରି ସମାଦର କରିବେ, ସେଥି ନିମନ୍ତେ ପୁତ୍ରଙ୍କୁ ସମସ୍ତ ବିଚାର କରିବାର ଅଧିକାର ଦେଇଅଛନ୍ତି । ଯେ ପୁତ୍ରଙ୍କୁ ସମାଦର କରେ ନାହିଁ, ସେ ତାହାଙ୍କର ପ୍ରେରଣକର୍ତ୍ତା ପିତାଙ୍କୁ ମଧ୍ୟ ସମାଦର କରେ ନାହିଁ ।'' (ଯୋହନ ୫:୨୨-୨୩) ପ୍ରେରିତ ପାଉଲ ତୀମଥିଙ୍କୁ ଲେଖନ୍ତି,''ଅକ୍ଷୟ, ଅଦୃଶ୍ୟ, ଅଦ୍ୱିତୀୟ ଈଶ୍ୱର ଯେ ଅନନ୍ତକାଳୀନ ରାଜା, ତାହାଙ୍କ ସମ୍ଭ୍ରମ ଓ ଗୌରବ ଯୁଗେ ଯୁଗେ ହେଉ । ଆମେନ୍ !'' (୧ମ ତୀମଥି ୧:୧୭) ପରମେଶ୍ୱର ଆମ୍ଭମାନଙ୍କୁ ଯେ କି ପରିତ୍ରାଣ ଦେଇଅଛନ୍ତି, ଆଶୀର୍ବାଦ କରିଅଛନ୍ତି, ଉତ୍ତମ ଜୀବନର ଭରସା ଦେଇଅଛନ୍ତି, ସେ ହିଁ ସମସ୍ତ ଗୌରବର ଅଧିକାରୀ ଅଟନ୍ତି ।

## ୪) ତାହାଙ୍କୁ ମହିମାନ୍ୱିତ କରି ତାହାଙ୍କ ଆରାଧନା କରୁ :

ମହିମାନ୍ୱିତ କରିବାର ଅର୍ଥ ସମ୍ମାନିତ କରିବା, ଗୌରବାନ୍ୱିତ କରିବା, ପ୍ରଶଂସା କରିବା । ଏ ବିଷୟରେ ପ୍ରେରିତ ପାଉଲ ରୋମୀୟ ମଣ୍ଡଳୀକୁ କହନ୍ତି, ''ଯେପରି ଏକ ଚିତ୍ତରେ, ଏକ ମୁଖରେ ତୁମ୍ଭେମାନେ ଈଶ୍ୱରଙ୍କ ଓ ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ପିତାଙ୍କର ଗୌରବ କର ।'' (ରୋମୀୟ ୧୫:୬) ''କାରଣ ତୁମ୍ଭେମାନେ ବିଶେଷ ମୂଲ୍ୟରେ କିଣାଯାଇଅଛ, ଏଣୁ ତୁମ୍ଭମାନଙ୍କ ଶରୀରରେ ଈଶ୍ୱରଙ୍କ ଗୌରବ ପ୍ରକାଶ କର ।'' (୧ମ କରିନ୍ଥୀ ୬:୨୦) ''କିନ୍ତୁ କେହି ଯଦି ଖ୍ରୀଷ୍ଟିୟାନ ହେବାରୁ ଦଣ୍ଡ ଭୋଗ କରେ, ତାହାହେଲେ ସେ ଲଜ୍ଜାବୋଧ ନ କରୁ, ବରଂ ସେହି ନାମ ହେତୁରୁ ଈଶ୍ୱରଙ୍କ ମହିମା କୀର୍ତ୍ତନ କରୁ ।'' (୧ମ ପିତର ୪:୧୬)

ଆମ୍ଭେମାନେ ଅପଣା ଗୌରବ ନ ଖୋଜି, ସମସ୍ତ ଗୌରବ, ମହିମା, ପ୍ରଶଂସା ତାହାଙ୍କୁ ଦେଉଁ । ତାହାଙ୍କ ସହିତ ତୁଳନା କଲେ ଆମ୍ଭେମାନେ ଧୂଳି ସଦୃଶ୍ୟ ।

ସପ୍ତାହର ପ୍ରଥମ ଦିନରେ ପ୍ରତ୍ୟେକ ଖ୍ରୀଷ୍ଟିୟାନ ରୁଣ୍ଡ ହୋଇ ମନଧ୍ୟାନ ଦେଇ ତାହାଙ୍କୁ ଆରାଧନା କରୁ ।

## ୫) ତାହାଙ୍କୁ ସମ୍ମାନିତ କରି ତାହାଙ୍କ ଉପାସନା କରୁ :

ସଦାପ୍ରଭୁ ଆମ୍ଭର ସୃଷ୍ଟିକର୍ତ୍ତା ଓ ଯୀଶୁଖ୍ରୀଷ୍ଟ ଆମ୍ଭର ତ୍ରାଣକର୍ତ୍ତା, ଆମ୍ଭେମାନେ ତାହାଙ୍କୁ ସମ୍ମାନ ଦେଉ, ତାହାଙ୍କ ଆଜ୍ଞାବହ ହେଉ । ଅନେକ ଶତାବ୍ଦୀ ପୂର୍ବେ ମହାରାଜା ଦାଉଦ କହିଥିଲେ,''ତାହାଙ୍କ ନାମ ପବିତ୍ର ଓ ଆଦରଣୀୟ ।'' (ଗୀତ ୧୧୧:୯) ଏବ୍ରୀ ପୁସ୍ତକକର୍ତ୍ତା ଆମ୍ଭମାନଙ୍କୁ କହନ୍ତି,''ଅତଏବ, ଅଟଳ ରାଜ୍ୟ ପ୍ରାପ୍ତ ହେବାରୁ ଆସ, ଆମ୍ଭେମାନେ କୃତଜ୍ଞ ହୋଇ ଭୟ ଓ ଭକ୍ତି ସହକାରେ ଈଶ୍ୱରଙ୍କ ସନ୍ତୋଷଜନକ ଉପାସନା କରୁ ।'' (ଏବ୍ରୀ ୧୨:୨୮)

ପ୍ରେମରେ ପରମେଶ୍ୱରଙ୍କ ଆଜ୍ଞାବହ ହୋଇ, ପ୍ରଶଂସାରୂପ ହୃଦୟ ତାହାଙ୍କ ଚରଣରେ ଢ଼ାଳି ତାହାଙ୍କୁ ଉପାସନା କରୁ । ଯେପରି ପ୍ରେରିତ ପାଉଲ କହନ୍ତି,''ଆଉ, ବାକ୍ୟ କି କର୍ମରେ ତୁମ୍ଭେମାନେ ଯାହା କିଛି କର, ସେ ସମସ୍ତ ପ୍ରଭୁ ଯୀଶୁଙ୍କ ନାମରେ କରି ତାହାଙ୍କ ଦ୍ୱାରା ପିତା ଈଶ୍ୱରଙ୍କୁ ଧନ୍ୟବାଦ ଦିଅ ।'' (କଲସୀ ୩:୧୭)

ଅନେକ ଅଭ୍ୟାସଗତ ଭାବେ ମଣ୍ଡଳୀ ଉପାସନାରେ ଯୋଗ ଦିଅନ୍ତି । ଆହୁରି କେତେକ ଅନ୍ୟମାନଙ୍କୁ ଖୁସି କରିବା ନିମନ୍ତେ ଉପାସନାକୁ ଯାଆନ୍ତି, କିନ୍ତୁ ପ୍ରକୃତରେ ପରମେଶ୍ୱରଙ୍କ ତୁଷ୍ଟଜନକ ଆରାଧନା କରନ୍ତି ନାହିଁ ।

ଆସ, ଆମ୍ଭେମାନେ ଶୁଦ୍ଧ ହୃଦୟରେ, ପ୍ରଶଂସାପୂର୍ଣ୍ଣ ହୃଦୟ ସହ ପରମେଶ୍ୱରଙ୍କ ନିକଟକୁ ଯାଉ । ସେ ହିଁ ରାଜାମାନଙ୍କ ରାଜା, ସର୍ବଶକ୍ତିମାନ ପରମେଶ୍ୱର । ତାହାଙ୍କ ନାମ ଧନ୍ୟ ହେଉ । ଆମ୍ଭମାନଙ୍କ ଉପାସନା ତାହାଙ୍କ ଦୃଷ୍ଟିରେ ସନ୍ତୋଷଜନକ ଓ ଗ୍ରାହ୍ୟଜନକ ହେଉ ।

***- J.C. Choate***

❃❃❃

# ଯେ ଜୟ କରେ...
## (To whom that overcometh... )

ଖ୍ରୀଷ୍ଟିୟାନ ଜୀବନ ଏକ ଯୁଦ୍ଧଭୂମି ରୂପେ ଅନେକ ପଦରେ ବର୍ଣ୍ଣିତ ହୋଇଅଛି । ପ୍ରତ୍ୟେକ ଖ୍ରୀଷ୍ଟିୟାନ ଜଣେ ସୈନିକ । ସଦାପ୍ରଭୁ ରାଜାମାନଙ୍କ ରାଜା ଅଟନ୍ତି । ମିସର ଦେଶର ଦାସତ୍ୱରୁ ମୁକ୍ତ ହେବା ପରେ ଇଶ୍ରାଏଲ୍‌ର ସମାଜରେ ମୋଶା ଗୀତ ଗାନ କରି କହିଲେ, "ସଦାପ୍ରଭୁ ଆମ୍ଭର ବଳ ଓ ଗାନ, ପୁଣି ସେ ଆମ୍ଭର ପରିତ୍ରାଣ ହୋଇଅଛନ୍ତି, ସେ ଆମ୍ଭର ପରମେଶ୍ୱର, ଆମ୍ଭେ ତାହାଙ୍କର ପ୍ରଶଂସା କରିବା, ସେ ଆମ୍ଭମାନଙ୍କ ପୈତୃକ ପରମେଶ୍ୱର, ଆମ୍ଭେ ତାହାଙ୍କର ଗୁଣାନୁବାଦ କରିବା, ସଦାପ୍ରଭୁ ଯୁଦ୍ଧବୀର, ସଦାପ୍ରଭୁ ତାଙ୍କର ନାମ ।" (ଯାତ୍ରା ୧୫:୨,୩) ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କ ନେତା । ସେ ଜଗତରେ ଜନ୍ମଗ୍ରହଣ କରିବା ସମୟରୁ ସଦାପ୍ରଭୁଙ୍କ ଓ ଆମ୍ଭମାନଙ୍କ ଶତ୍ରୁ ଶୟତାନ ତାହାଙ୍କୁ ବିନାଶ କରିବା ନିମନ୍ତେ ଅନେକ ଚେଷ୍ଟା କରିଥିଲା, ପୂର୍ବଦେଶୀୟ ପଣ୍ଡିତମାନଙ୍କ ଦ୍ୱାରା ଯୀଶୁଖ୍ରୀଷ୍ଟଙ୍କ ଜନ୍ମ ବିଷୟରେ ଜ୍ଞାତ ହୋଇ, ହେରୋଦ ରାଜା ବେଥଲିହିମ ଓ ତାହାର ସୀମା ମଧ୍ୟରେ ଥିବା ଦୁଇବର୍ଷରୁ ନ୍ୟୁନ ବୟସ୍କ ଶିଶୁମାନଙ୍କୁ ବଧ କରିଥିଲେ । କିନ୍ତୁ ଯୋସେଫ ସ୍ୱପ୍ନାଦେଶ ପାଇ ଶିଶୁଯୀଶୁ ଓ ତାହାଙ୍କ ମାତା ମରିୟମଙ୍କୁ ମିସର ଦେଶ ନେଇଯାଇ, ହୋରୋଦଙ୍କ ମୃତ୍ୟୁ ପର୍ଯ୍ୟନ୍ତ ସେଠାରେ ରହିଲେ । (ମାଥିଉ ୨ୟ ପର୍ବ) ।

ଯୀଶୁଖ୍ରୀଷ୍ଟ ଯୋହନଙ୍କ ଦ୍ୱାରା ବାପ୍ତିଜିତ ହେବା ପରେ ୪୦ ଦିନ ଉପବାସରେ ବିତାଇ ଥିଲେ । ତତ୍ପରେ ଶୟତାନ ଦ୍ୱାରା ପରୀକ୍ଷିତ ହୋଇ ବିଜୟୀ ହୋଇଥିଲେ । ମାଥିଉ (୪:୧-୧୧, ଲୁକ ୪:୧-୧୫) ଯୀଶୁଖ୍ରୀଷ୍ଟ ଏହି ଜଗତରେ ଶୟତାନ କାର୍ଯ୍ୟ ବିନାଶ କରିବା ନିମନ୍ତେ ଆସିଥିଲେ ସେ ଶୟତାନଙ୍କୁ ଧାର୍ମିକ ଜୀବନଯାପନ କରି, ମୃତ୍ୟୁରୁ ପୁନଃରୁଥିତ ହୋଇ ପରାଜିତ କରିଅଛନ୍ତି । ତାହାଙ୍କ ଆଜ୍ଞାବହ ଓ ଅନୁସରଣକାରୀମାନେ ଜାଗତିକ ଜୀବନରେ ବିଜୟୀ ହେବେ ।

ପ୍ରେରିତ ପାଉଲ ଅଜ୍ଞାନ ଯୋଗୁଁ ଯୀଶୁଖ୍ରୀଷ୍ଟଙ୍କ ବିରୁଦ୍ଧରେ ଯୁଦ୍ଧ କରୁଥିଲେ, କିନ୍ତୁ ସେ ବିଜାତୀୟ ମାନଙ୍କ ନିମନ୍ତେ ଖ୍ରୀଷ୍ଟଙ୍କ ପ୍ରେରିତ ଓ ଏକ ମନୋନୀତ ପାତ୍ର । ଦମ୍ମେସକର ସଳଖ ନାମକ ସଡ଼କରେ ଯୀଶୁଖ୍ରୀଷ୍ଟ ପ୍ରତ୍ୟକ୍ଷ ଦର୍ଶନ ତାହାଙ୍କ ଜୀବନ ବଦଳାଇ ଦେଇଥିଲା । ସେ ନିଜେ ଖ୍ରୀଷ୍ଟଙ୍କ ନିମନ୍ତେ ଏକ ଯୋଦ୍ଧା ରୂପେ ପ୍ରାଣପଣ ପରିଥିଲେ, ସେ ତୀମଥିଙ୍କୁ ଲେଖନ୍ତି, "ବିଶ୍ୱାସର ଉତ୍ତମ ଯୁଦ୍ଧରେ ପ୍ରାଣପଣ କର,

ଅନନ୍ତ ଜୀବନ ଧରି ରଖ... ଖ୍ରୀଷ୍ଟ ଯୀଶୁଙ୍କର ଜଣେ, ଉତ୍ତମ ଯୋଦ୍ଧା ପରି ମୋ ସହିତ କ୍ଳେଶ ସହ୍ୟ କର ।'' (୧ମ ତୀମଥି ୬:୧୨, ୨ୟ ତୀମଥି ୨:୩) ସେ ଆପଣା ବିଷୟରେ କହନ୍ତି,''ମୁଁ ଉତ୍ତମ ଯୁଦ୍ଧରେ ପ୍ରାଣପଣ କରିଅଛି......'' (୨ ତୀମଥି ୪:୭) ସେ ଆମ୍ଭମାନଙ୍କୁ କହନ୍ତି,''.......ପ୍ରଭୁଙ୍କ ଠାରୁ ଶକ୍ତି ପ୍ରାପ୍ତ ହୋଇ ତାହାଙ୍କ ପରାକ୍ରମରେ ବଳବାନ ହୁଅ, ତୁମ୍ଭେମାନେ ଯେପରି ଶୟତାନର ସମସ୍ତ ଚାତୁରି ବିରୁଦ୍ଧରେ ଦଣ୍ଡାୟମାନ ହୋଇପାର, ଏଥି ନିମନ୍ତେ ଈଶ୍ୱର ଦତ୍ତ ସମସ୍ତ ସଂଜ୍ଞାରେ ଆପଣା ଆପଣାକୁ ସୁସଜ୍ଜିତ କର । କାରଣ ଆମ୍ଭମାନଙ୍କ ଯୁଦ୍ଧ ମର୍ତ୍ତ୍ୟ ବିରୁଦ୍ଧରେ ନୁହେଁ, କିନ୍ତୁ ଆଧିପତ୍ୟ ବିରୁଦ୍ଧରେ, କର୍ତ୍ତାପଣ ବିରୁଦ୍ଧରେ ନୁହେଁ, ଏହି ଅନ୍ଧକାରର ଜଗତପତିମାନଙ୍କ ବିରୁଦ୍ଧରେ ପୁଣି ଆକାଶ ମଣ୍ଡଳର ଦୁଷ୍ଟାତ୍ମାମାନଙ୍କ ବିରୁଦ୍ଧରେ, ଏଣୁ ତୁମ୍ଭେମାନେ ଯେପରି ଦୁର୍ଦ୍ଦିନରେ ପ୍ରତିରୋଧ କରି ସର୍ବଜୟୀ ହୋଇ ଅଟଳ ରହିପାର, ଏଥି ନିମନ୍ତେ ଈଶ୍ୱର ଦତ୍ତ ସମସ୍ତ ସଜ୍ଜା ଗ୍ରହଣ କର । ଅତଏବ ସତ୍ୟରୂପ କଟିବନ୍ଧନୀରେ କଟି ବାନ୍ଧି ଧାର୍ମିକତାରୂପ ଭାସ୍ତ୍ରାଣ ପରିଧାନ କର, ଶାନ୍ତିଦାୟକ ସୁସମାଚାର ନିମନ୍ତେ ସୁସଜ୍ଜତା ରୂପ ପାଦୁକା ପିନ୍ଧି ଅଟଳ ହୋଇଥାଅ, ସେଥି ସଙ୍ଗେ ସଙ୍ଗେ ଯଦ୍ୱାରା ପାପାତ୍ମାର ଅଗ୍ନିବାଣ ସବୁ ନିର୍ବାଣ କରିବାକୁ ସମର୍ଥ ହୁଅ, ସେହି ବିଶ୍ୱାସରୂପ ଢ଼ାଲ ଧର । ପୁଣି ପରିତ୍ରାଣରୂପ ଶିରସ୍ତ୍ରାଣ ପରିଧାନ କର ଓ ଆତ୍ମାଙ୍କ ଖଡ୍‌ଗ, ଅର୍ଥାତ୍ ଈଶ୍ୱରଙ୍କ ବାକ୍ୟ ଧାରଣ କର, ସର୍ବପ୍ରକାର ପ୍ରାର୍ଥନା ଓ ନିବେଦନରେ ସର୍ବଦା ଆତ୍ମାଙ୍କ ସାହାଯ୍ୟରେ ପ୍ରାର୍ଥନା କର ।'' (ଏଫିସୀ ୬:୧୦-୧୮) ଆମ୍ଭମାନଙ୍କ ବିପକ୍ଷ ଶୟତାନ ସିଂହପ୍ରାପ୍ତ ଗର୍ଜ୍ଜନ କରି କାହାକୁ ଗ୍ରାସିବ, ଖୋଜି ବୁଲୁଥିବାରୁ (୧ମ ପିତର ୫:୮), ଖ୍ରୀଷ୍ଟଦତ୍ତ ଯୁଦ୍ଧସଜ୍ଜା ପରିଧାନ କରୁ ।

ଖ୍ରୀଷ୍ଟିୟାନମାନେ ସମ୍ମୁଖୀନ ହେଉଥିବା ଆତ୍ମିକ ଯୁଦ୍ଧ ସେମାନଙ୍କ ଶକ୍ତିରୁ ଅଧିକ । ବାଳକ ଦାଉଦ, ପାଲେଷ୍ଟୀୟ ଯୋଦ୍ଧା ଗଲ୍ଲିୟାତ ବିରୁଦ୍ଧରେ ଯୁଦ୍ଧ ନିମନ୍ତେ ପ୍ରସ୍ତୁତ ହେବା ସମୟରେ ସେ କହିଲେ,''........ଏହି ଯୁଦ୍ଧ ସଦାପ୍ରଭୁଙ୍କର'' (୧ମ ଶାମୁୟେଲ ୧୭:୪୭) ସେ ସଦାପ୍ରଭୁଙ୍କ ସାହାଯ୍ୟରେ ବିଜୟୀ ହୋଇଥିଲେ, ବିଜୟୀ ଯୀଶୁଖ୍ରୀଷ୍ଟଙ୍କ ପାଦଚିହ୍ନ ଅନୁସରଣ କଲେ ଆମ୍ଭେମାନେ ବିଜୟୀ ହୋଇପାରିବା । ବିଜୟୀ ଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ ଖ୍ରୀଷ୍ଟ ଅନେକ ଆଶୀର୍ବାଦ ସଞ୍ଚିତ କରିଅଛନ୍ତି । ଯୀଶୁଖ୍ରୀଷ୍ଟ କହନ୍ତି,''........ଯେ ଜୟ କରେ, ତାହାକୁ ଆମ୍ଭେ ଈଶ୍ୱରଙ୍କ ପାରଦୀଶରେ ଥିବା ଜୀବନବୃକ୍ଷର ଫଳ ଖାଇବାକୁ ଦେବୁ । (ପ୍ରକାଶିତ ବାକ୍ୟ ୨:୭) । ''ଯେ ଜୟ କରେ, ସେ ଦ୍ୱିତୀୟ ମୃତ୍ୟୁ ଦ୍ୱାରା କୌଣସି ପ୍ରକାରେ କ୍ଷତିଗ୍ରସ୍ତ ହେବ ନାହିଁ ।''

(ପ୍ରକାଶିତ ବାକ୍ୟ ୨:୧୧) ''ଯେ ଜୟ କରେ, ତାହାକୁ ଆମ୍ଭେ ଗୁପ୍ତ ମାନ୍ନା ଦେବୁ । ପୁଣି ଯେଉଁ ନାମ ଗ୍ରହଣକର୍ତ୍ତା ବିନା ଅନ୍ୟ କେହି ଜାଣେ ନାହିଁ, ଏପରି ନୂତନ ନାମ ଲିଖିତ ଏକ ଶ୍ୱେତ ପ୍ରସ୍ତର ଦେବୁ ।'' (ପ୍ରକାଶିତ ୨:୧୭) ''ଯେ ଜୟ କରେ ଓ ଶେଷ ପର୍ଯ୍ୟନ୍ତ ଆମ୍ଭର କର୍ମ କରେ, ଆମ୍ଭେ ଯେପରି ଆମ୍ଭର ପିତାଙ୍କ ଠାରୁ କ୍ଷମତାପ୍ରାପ୍ତ ହୋଇଅଛୁ, ତାହାକୁ ମଧ୍ୟ ସେହିପରି ସମସ୍ତ ଜାତି ଉପରେ କ୍ଷମତା ଦେବୁ, ସେ ସେମାନଙ୍କୁ ଲୌହଦଣ୍ଡ ଦ୍ୱାରା ଶାସନ କରିବ, ଆଉ ସେମାନେ କୁମ୍ଭକାରର ପାତ୍ର ପରି ଖଣ୍ଡ ଖଣ୍ଡ ହେବେ, ପୁଣି ଆମ୍ଭେ ତାହାକୁ ପ୍ରଭାତୀ ତାରା ଦେବୁ ।'' (ପ୍ରକାଶିତ ୨:୨୬-୨୮) ''ଯେ ଜୟ କରେ, ସେ ଏହି ପ୍ରକାର ଶୁକ୍ଳ ବସ୍ତ୍ର ପରିହିତ ହେବ ।'' (ପ୍ରକାଶିତ ୩:୫) ''ଯେ ଜୟ କରେ ଆମ୍ଭେ ତାହାକୁ ଆମ୍ଭର ଈଶ୍ୱରଙ୍କ ମନ୍ଦିରର ସ୍ତମ୍ଭ ସ୍ୱରୂପ କରିବୁ, ସେ ଆଉ ସେଠାରୁ ବାହାରକୁ ଯିବେ ନାହିଁ, ଆମ୍ଭେ ଆମ୍ଭର ଈଶ୍ୱରଙ୍କ ନାମ ଓ ସ୍ୱର୍ଗରୁ ତାହାଙ୍କ ଠାରୁ ଆଗତ ଯେଉଁ ନୂତନ ଯିରୁଶାଲମ, ଆମ୍ଭର ଈଶ୍ୱରଙ୍କ ସେହି ନଗରୀର ନାମ ପୁଣି ଆମ୍ଭ ନିଜର ନୂତନ ନାମ ତାହା ଉପରେ ଦେବୁ ।'' (ପ୍ରକାଶିତ ୩:୧୨) ''ଆମ୍ଭେ ଯେପରି ଜୟ କରି ଆମ୍ଭର ପିତାଙ୍କ ସହିତ ତାହାଙ୍କ ସିଂହାସନରେ ବସିଅଛୁ, ସେପରି ଯେ ଜୟ କରେ, ଆମ୍ଭେ ତାହାକୁ ଆମ୍ଭ ସହିତ ଆମ୍ଭର ସିଂହାସନରେ ବସିବାକୁ ଦେବୁ ।'' (ପ୍ରକାଶିତ ୩:୨୧)

ଆପଣ କି ବିଜୟୀ ହୋଇ ଈଶ୍ୱରଙ୍କ ସଞ୍ଚିତ ଆଶୀଷ ସକଳର ସହଭାଗୀ ହେବାକୁ ଚାହାନ୍ତି ? ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରି, ଆପଣା ପାପ ନିମନ୍ତେ ମନପରିବର୍ତ୍ତନ କରନ୍ତୁ । ଖ୍ରୀଷ୍ଟଙ୍କ ଠାରେ ଆପଣା ବିଶ୍ୱାସ ଅନ୍ୟମାନଙ୍କ ନିକଟରେ ସ୍ୱୀକାର କରି, ତାହାଙ୍କ ନାମରେ ବାପ୍ତିଜିତ ହେଉନ୍ତୁ । ଦିନ ପ୍ରତିଦିନ ସମ୍ମୁଖୀନ ହେଉଥିବା ଶୟତାନର ବାଣକୁ ବାକ୍ୟ ଶକ୍ତିପ୍ରାପ୍ତ ହୋଇ ବିଜୟୀ ହେଲେ, ଆମ୍ଭେମାନେ ନିତ୍ୟ ଜୀବନରୂପ ମୁକୁଟ ପାଇପାରିବା ।

***- Kabita Gootam***

❋❋❋

# ଖ୍ରୀଷ୍ଟଙ୍କ ମଣ୍ଡଳୀର ଅର୍ଥ କଅଣ ?

## ( What is the Church of Christ ? )

ଦୁଇ ହଜାର ବର୍ଷ ପୂର୍ବେ ଯୀଶୁ ଆପଣା ମଣ୍ଡଳୀ ଗଢ଼ିଥିଲେ । କ୍ରମାଗତ ସେଥିରେ ଅନେକ ବିଭକ୍ତ ଆସିଲା । ଆଜି ଜଗତରେ ଅନେକ ମତଶାଖାର ଆବିର୍ଭାବ ହୋଇଅଛି । କ୍ରମାଗତ ଏହାର ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି । ମନୁଷ୍ୟ ସମାଜ ଏପରି ବିଭକ୍ତି ଯୋଗୁଁ ବିରକ୍ତ ହୋଇ ଉଠିଅଛି । ମନୁଷ୍ୟମାନେ ଈଶ୍ୱରଙ୍କ ବାକ୍ୟ ପ୍ରତି ଧ୍ୟାନ ଦେଉନାହାନ୍ତି । ପ୍ରକୃତରେ ମନୁଷ୍ୟ ଆସକ୍ତ ସହ ବାକ୍ୟଧ୍ୟାନ କଲେ, ବିଭକ୍ତିକରଣ ଯେ କେତେ ଭୂଲ ଜାଣିପାରିବ । ଯୀଶୁଖ୍ରୀଷ୍ଟଙ୍କ ସ୍ଥାପିତ ଆଦ୍ୟ ମଣ୍ଡଳୀର ପଛାକୁ ଫେରିଯିବା ନିମନ୍ତେ ଅନେକ ଚେଷ୍ଟା ଚାଲିଛି । ଖ୍ରୀଷ୍ଟଧର୍ମର ସରଳ ସ୍ୱଚ୍ଛଳ ସତ୍ୟତା ପୁନଃ ପ୍ରତିଷ୍ଠିତ ହୋଇପାରେ ବୋଲି ଆଜି ଖ୍ରୀଷ୍ଟଙ୍କ ମଣ୍ଡଳୀର ଉଦ୍ୟମ ।

ଖ୍ରୀଷ୍ଟଙ୍କ ମଣ୍ଡଳୀ ବିଭକ୍ତିକରଣ ଖଣ୍ଡନ କରେ । ମତଶାଖାଗୁଡ଼ିକର ପ୍ରଥାରୁ ମନୁଷ୍ୟମାନେ ଆପଣାମାନଙ୍କୁ ବିମୁଖ କରି, ଖ୍ରୀଷ୍ଟଙ୍କ ମଣ୍ଡଳୀର ଏକତ୍ର ହେଲେ, ବିଭକ୍ତିକରଣ ସମାପ୍ତ ହୋଇପାରିବ । ଖ୍ରୀଷ୍ଟଙ୍କ ମଣ୍ଡଳୀ ଐକ୍ୟତାର ମଣ୍ଡଳୀ ଥିଲା । "ସେମାନେ ପ୍ରେରିତମାନଙ୍କର ଶିକ୍ଷାରେ ସହଭାଗିତାରେ, ରୋଟୀ ଭାଙ୍ଗିବାରେ ଓ ପ୍ରାର୍ଥନା କରିବାରେ ନିବିଷ୍ଟଚିତ୍ତ ହୋଇ ରହିଲେ । ଆଉ ସେମାନେ ଏକଚିତ୍ତ ହୋଇ ପ୍ରତିଦିନ ମନ୍ଦିରରେ ସମବେତ ହୋଇ ରହୁଥିଲେ ଓ ଘରେ ଘରେ ରୋଟୀ ଭାଙ୍ଗି ଆନନ୍ଦରେ ଓ ସରଳ ହୃଦୟରେ ଭୋଜନପାନ କରି ଈଶ୍ୱରଙ୍କ ପ୍ରଶଂସା କରୁଥିଲେ । "......ବିଶ୍ୱାସୀ ଲୋକସମୂହ ଏକଚିତ୍ତ ଓ ଏକପ୍ରାଣ ଥିଲେ, ସେମାନଙ୍କ ମଧ୍ୟରୁ କେହିହେଲେ ଆପଣା ସମ୍ପତ୍ତି ମଧ୍ୟରୁ କିଛି ନିଜର ବୋଲି କହୁନଥିଲେ, କିନ୍ତୁ ସେମାନଙ୍କର ସମସ୍ତ ବିଷୟ ସାଧାରଣ ଥିଲା ।" (ପ୍ରେରିତ ୨:୪୨-୪୭, ୪:୩୨) ଖ୍ରୀଷ୍ଟଙ୍କ ମଣ୍ଡଳୀ ଆଦିମ ଏହି ପ୍ରତ୍ୟେକଙ୍କୁ ଆହ୍ୱାନ ଜଣାଏ ।

ବାଇବଲ ଶିକ୍ଷାରୁ ଓ ଅନୁଭବରୁ ବିଭକ୍ତିକରଣ ଯେ ଭୂଲ, ଏହା ଆମେ ଜାଣିଥାଉ । "ହେ ଭାଇମାନେ, ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ମୁଁ ତୁମ୍ଭମାନଙ୍କୁ ଅନୁରୋଧ କରୁଅଛି, ଯେପରି ତୁମ୍ଭେମାନେ ଏକ କଥା କୁହ, ଆଉ ତୁମ୍ଭମାନଙ୍କ ଏକ ମନରେ ଓ ଏକ ବିଚାରରେ ସମ୍ମିଳିତ ହୁଅ ।" "ମୁଁ କେବଳ ଏମାନଙ୍କ ନିମନ୍ତେ ପ୍ରାର୍ଥନା କରୁନାହିଁ, ମାତ୍ର ଏମାନଙ୍କ ବାକ୍ୟ ଦ୍ୱାରା ଯେଉଁମାନେ ମୋ' ଠାରେ ବିଶ୍ୱାସ କରନ୍ତି, ସେମାନଙ୍କ ନିମନ୍ତେ ସୁଦ୍ଧା ପ୍ରାର୍ଥନା କରୁଅଛି, ଯେପରି

ସେମାନେ ସମସ୍ତେ ଏକ ହୁଅନ୍ତି, ହେ ପିତା, ତୁମ୍ଭେ ଯେ ପ୍ରକାର ମୋ' ଠାରେ ଅଛ ଓ ମୁଁ ତୁମ୍ଭଠାରେ ଅଛି, ସେମାନେ ମଧ୍ୟ ସେ ପ୍ରକାରେ ଆମ୍ଭମାନଙ୍କ ଠାରେ ରହନ୍ତୁ, ଯେପରି ତୁମ୍ଭେ ମୋତେ ପ୍ରେରଣ କଲ ବୋଲି ଜଗତ ବିଶ୍ୱାସ କରେ ।'' (ଯୋହନ ୧୭:୨୦,୨୧)

ନୂତନ ନୂତନ ମଣ୍ଡଳୀ ସ୍ଥାପନର ପ୍ରୟୋଜନ ନାହିଁ, କିନ୍ତୁ ଆଦିମ ଓ ସତ୍ୟ ମଣ୍ଡଳୀକୁ ପୁନଃସ୍ଥାପନ କରୁ । ଦଳର ନାମ, ଧର୍ମପଦ୍ଧତିର ନାମ ପ୍ରଭୃତି ତ୍ୟାଗ କରି ଖ୍ରୀଷ୍ଟଙ୍କ ନାମ ଧାରଣ କରୁ, ବାଇବଲର ଶିକ୍ଷା ଅନୁସରଣ କରି, ବାଇବଲ ନାମ ଧାରଣ କଲେ ବାଇବଲର ମଣ୍ଡଳୀର ସଭ୍ୟ ହୋଇ ପାରିବା ।

ଆଦିମ ମଣ୍ଡଳୀର ସଭ୍ୟମାନେ 'ଖ୍ରୀଷ୍ଟିୟାନ' ନାମକୁ ଧାରଣ କରିଥିଲେ, ''ପୁଣି, ସେ ତାଙ୍କୁ ପାଇ ଆନ୍ତୟଖିଆକୁ ଘେନି ଆସିଲେ, ସେମାନେ ସମ୍ପୂର୍ଣ୍ଣ ଏକବର୍ଷ ପର୍ଯ୍ୟନ୍ତ ମଣ୍ଡଳୀର ସହିତ ରହି ଅନେକ ଲୋକଙ୍କୁ ଶିକ୍ଷା ଦେଲେ, ପୁଣି ଆନ୍ତୟଖିଆରେ ଶିଷ୍ୟମାନେ ପ୍ରଥମରେ ଖ୍ରୀଷ୍ଟିୟାନ ବୋଲି ଆଖ୍ୟାତ ହେଲେ ।'' (ପ୍ରେରିତ ୧୧:୨୬) ସେମାନେ ପ୍ରେଟେଷ୍ଟିୟାନ କିଅବା କ୍ୟାଥୋଲିକ ନ ଥିଲେ । ଅନେକ ଶତାବ୍ଦୀ ଧରି ଏହି ନାମ ଶୁଣାଯାଇନଥିଲା, ଅତଏବ, ଆଦିମ ମଣ୍ଡଳୀର ପନୁଃସ୍ଥାପନ ଦ୍ୱାରା, ଆମ୍ଭେମାନେ ଆଦିମ ମଣ୍ଡଳୀର ସଭ୍ୟ ହୋଇପାରିବା ।

ଆଦିମ ଖ୍ରୀଷ୍ଟିୟାନମାନେ ମତଶାଖା ମଣ୍ଡଳୀର ସଭ୍ୟ ନଥିଲେ । ପାଉଲ, ପିତର, ଯାକୁବ ଓ ଯୋହନ ବିଭିନ୍ନ ମଣ୍ଡଳୀର ସଭ୍ୟ ନହୋଇ ଖ୍ରୀଷ୍ଟ ସ୍ଥାପିତ ବିଭିନ୍ନ ମଣ୍ଡଳୀର ସଭ୍ୟ ଥିଲେ, ବରଂ ସେମାନେ ଦଳଭେଦର ବିରୋଧି ଥିଲେ, ''ହେ ଭାଇମାନେ, ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ନାମରେ ମୁଁ ତୁମ୍ଭମାନଙ୍କୁ ଅନୁରୋଧ କରୁଅଛି, ଯେପରି ତୁମ୍ଭେମାନେ ସମସ୍ତେ ଏକ କଥା କୁହ, ଆଉ ତୁମ୍ଭମାନଙ୍କ ମଧ୍ୟରେ ଦଳଭେଦ ନହୁଏ, କିନ୍ତୁ ତୁମ୍ଭେମାନେ ଏକ ମନରେ ଓ ଏକ ବିଚାରରେ ସମ୍ମିଳିତ ହୁଅ, କାରଣ, ହେ ମୋହର ଭାଇମାନେ, ଖ୍ଲୟୀଙ୍କ ପରିଜନ ଠାରୁ ତୁମ୍ଭମାନଙ୍କ ସମ୍ବନ୍ଧରେ ମୋ ନିକଟରେ ଏହା ପ୍ରକାଶ ପାଇଅଛି ଯେ, ତୁମ୍ଭମାନଙ୍କ ମଧ୍ୟରେ ବାଦବିବାଦ ଅଛି । ମୋ କଥାର ଭାବ ଏହି, ତୁମ୍ଭମାନଙ୍କ ମଧ୍ୟରୁ କେହି କେହି କହନ୍ତି, ମୁଁ ପାଉଲଙ୍କର କେହି କେହି କହନ୍ତି, ମୁଁ ଆପଲ୍ଲଙ୍କର, କେହି କେହି କହନ୍ତି ମୁଁ କେଫାଙ୍କର, ଆଉ କେହି କେହି କହନ୍ତି ମୁଁ ଖ୍ରୀଷ୍ଟଙ୍କର । ଖ୍ରୀଷ୍ଟ କି ବିଭକ୍ତ ହୋଇ ଅଛନ୍ତି ? ତୁମ୍ଭମାନଙ୍କ ନିମନ୍ତେ କି ପାଉଲ କ୍ରୁଶରେ ହତ ହୋଇଥିଲା ? କିମ୍ବା ତୁମ୍ଭେମାନେ କି ପାଉଲ ନାମରେ ବାପ୍ତିଜିତ ହୋଇଥିଲ ?....... ଯେଣୁ, ଏ ପର୍ଯ୍ୟନ୍ତ ତୁମ୍ଭେମାନେ ଶାରୀରିକ

ଅଟେ । କାରଣ ଯେତେବେଳେ ତୁମ୍ଭମାନଙ୍କ ମଧ୍ୟରେ ଇର୍ଷା ଓ ବିବାଦ ରହିଅଛି, ତୁମ୍ଭେମାନେ କି ଶାରୀରିକ ନୁହଁ ଓ ମନୁଷ୍ୟର ସ୍ୱଭାବ ଅନୁସାରେ କି ଆଚରଣ କରୁନାହଁ ? ଯେହେତୁ ଯେତେବେଳେ ଜଣେ କୁହେ, ମୁଁ ପାଉଲଙ୍କର ପୁଣି ଆଉ ଜଣେ କହେ, ମୁଁ ଆପଲ୍ଲଙ୍କର ସେତେବେଳେ ତୁମ୍ଭେମାନେ କି ଶାରୀରିକ ନୁହଁ ?'' (୧ମ କରିନ୍ଥୀ ୧:୧୦-୧୩, ୩:୩-୪)

ପ୍ରତ୍ୟେକ ମନୁଷ୍ୟ ଖ୍ରୀଷ୍ଟଙ୍କ ଶିଷ୍ୟ ହୋଇ, ଖ୍ରୀଷ୍ଟିୟାନ ହୋଇ ଖ୍ରୀଷ୍ଟଙ୍କ ମଣ୍ଡଳୀର ସଭ୍ୟ ହୁଅନ୍ତୁ ବୋଲି ଆମ୍ଭେମାନେ ଇଚ୍ଛା କରୁ । ଖ୍ରୀଷ୍ଟଙ୍କ ମଣ୍ଡଳୀ ଆଧୁନିକ ଯୁଗରେ ସ୍ଥାପିତ ନୁହେଁ କିନ୍ତୁ ଖ୍ରୀଷ୍ଟଙ୍କ ଦ୍ୱାରା ସ୍ଥାପିତ ଆଦ୍ୟ ମଣ୍ଡଳୀ । ମନୁଷ୍ୟ ଦତ୍ତ ନାମ, ପଦବୀ, ଧର୍ମଶିକ୍ଷା ପରିତ୍ୟାଗ କରି, ଖ୍ରୀଷ୍ଟଙ୍କ ଦତ୍ତ ନାମ, ପଦବୀ ଓ ଧର୍ମଶିକ୍ଷା ଅନୁସରଣ କରି, ଖ୍ରୀଷ୍ଟଙ୍କ ସ୍ଥାପିତ ମଣ୍ଡଳୀର ସଭ୍ୟ ହେଉ ଖ୍ରୀଷ୍ଟଙ୍କ ମଣ୍ଡଳୀ ବିଷୟରେ ଅଧିକ ଜାଣିବାକୁ ଇଚ୍ଛାକଲେ ଆମ୍ଭମାନଙ୍କ ସହିତ ସଂପର୍କ କରନ୍ତୁ ।

***- K.S. Swamidas***

❋❋❋

# ଯୀଶୁଖ୍ରୀଷ୍ଟଙ୍କର ଅନୁସରଣ କରିବା
## ( Following Jesus )

ଅନେକେ ଖ୍ରୀଷ୍ଟଙ୍କ ଅନୁଚର ବୋଲି ଆପଣା ବିଷୟରେ ମନେ କରନ୍ତି । ଯୀଶୁଖ୍ରୀଷ୍ଟଙ୍କ ଆଦର୍ଶ ଓ ଶିକ୍ଷା ଅନୁସରଣ କରିବା ଠାରୁ ଶ୍ରେଷ୍ଠ ବିଷୟ ଏହି ଜଗତରେ କିଛି ନାହିଁ । କାରଣ ଏହା ହିଁ ମନୁଷ୍ୟକୁ ଅନନ୍ତ ଜୀବନକୁ କଢ଼ାଇ ନେଇପାରେ । (ଯୋହନ ୩:୧୫,୧୬, ୧୪:୬) ଖ୍ରୀଷ୍ଟଧର୍ମର ପଥ ଯଦିଓ ଶ୍ରେଷ୍ଠତମ ଅଟେ, ତାହା ସହଜ ନୁହେଁ । ଯୀଶୁ କହିଲେ,''......କେହି ଯେବେ ମୋହର ଅନୁଗମନ ହେବାକୁ ଇଚ୍ଛା କରେ, ତେବେ ସେ ଆପଣାକୁ ଅସ୍ୱୀକାର କରୁ, ପୁଣି ଆପଣା କ୍ରୁଶ ଘେନି ମୋହର ଅନୁଗମନ କରୁ । କାରଣ ଯେ କେହି ଆପଣା ଜୀବନ ରକ୍ଷା କରିବାକୁ ଇଚ୍ଛା କରେ, ସେ ତାହା ହରାଇବ, କିନ୍ତୁ ଯେ କେହି ମୋ ନିମନ୍ତେ ଆପଣା ଜୀବନ ହରାଇବ, ସେ ତାହା ପ୍ରାପ୍ତ ହେବ ।'' (ମାଥିଉ ୧୬:୨୪,୨୫) ମନୁଷ୍ୟମାନେ କୌଣସି ଗୁରୁଙ୍କୁ ଅନୁସରଣ କରୁଥିବା ଅଧିକ ଭାବେ ଖ୍ରୀଷ୍ଟ ଆପଣା ଅନୁସରଣ ମାନଙ୍କ ଠାରୁ ଲୋଡ଼ନ୍ତି । ଏହି ବିଷୟ ପୁନର୍ବାର ଆମ୍ଭେମାନେ ଲୂକ ୯:୫୭-୬୨ରେ ପଢ଼ିଥାଉ ।

ଯାହା କହେ :-

''ସେମାନେ ବାଟରେ ଯାଉଥିବା ସମୟରେ ଜଣେ ଲୋକ ତାହାଙ୍କୁ କହିଲେ, ଆପଣ ଯେକୌଣସି ସ୍ଥାନକୁ ଯିବେ, ମୁଁ ଆପଣଙ୍କ ଅନୁଗମନ କରିବି । ଯୀଶୁ ତାହାଙ୍କୁ କହିଲେ, କୋକିଶିଆଳୀର ଗାତ ଅଛି, ଆକାଶର ପକ୍ଷୀର ବସା ଅଛି, ମାତ୍ର ମନୁଷ୍ୟପୁତ୍ରର ମୁଣ୍ଡ ଗୁଞ୍ଜିବାର ସ୍ଥାନ ନାହିଁ । ପୁଣି, ସେ ଆଉ ଜଣକୁ କହିଲେ, ମୋହର ଅନୁଗମନ କର । କିନ୍ତୁ ସେ କହିଲେ, ପ୍ରଥମେ ଯାଇ ମୋହର ପିତାଙ୍କୁ ସମାଧି ଦେବା ନିମନ୍ତେ ମୋତେ ଅନୁମତି ଦିଅନ୍ତୁ । ମାତ୍ର ସେ ତାହାଙ୍କୁ କହିଲେ, ମୃତମାନଙ୍କୁ ଆପଣା ଆପଣା ମୃତଲୋକଙ୍କୁ ସମାଧି ଦେବା ପାଇଁ ଛାଡ଼ିଦିଅ, କିନ୍ତୁ ତୁମ୍ଭେ ଯାଇ ଈଶ୍ୱରଙ୍କ ରାଜ୍ୟ ପ୍ରଚାର କର । ଆଉ ଜଣେ ମଧ୍ୟ କହିଲେ, ପ୍ରଭୋ, ମୁଁ ଆପଣଙ୍କର ଅନୁଗମନ କରିବି, ମାତ୍ର ପ୍ରଥମେ ମୋହର ଗୃହରେ ଥିବା ଲୋକମାନଙ୍କ ଠାରୁ ବିଦାୟ ନେବା ନିମନ୍ତେ ମୋତେ ଅନୁମତି ଦିଅନ୍ତୁ । କିନ୍ତୁ ଯୀଶୁ ତାଙ୍କୁ କହିଲେ, ଯେ ଲଙ୍ଗଳରେ ହାତ ଦେଇ ପଛକୁ ଚାହେଁ, ସେ ଈଶ୍ୱରଙ୍କ ରାଜ୍ୟର ଯୋଗ୍ୟ ନୁହେଁ ।''

ଖ୍ରୀଷ୍ଟଙ୍କ ଅନୁସରଣ କରିବା ବିଷୟରେ ପ୍ରେରିତ ପାଉଲ ଏଫିସୀ ମଣ୍ଡଳୀକୁ ଲେଖନ୍ତି ''ଅତଏବ, ପ୍ରଭୁଙ୍କ ହେତୁ ବନ୍ଦୀ ଯେ ମୁଁ ତୁମ୍ଭମାନଙ୍କୁ ଅନୁରୋଧ କରୁଅଛି, ତୁମ୍ଭେମାନେ ଯେଉଁ ଆହ୍ୱାନରେ ଆହୂତ ହୋଇଅଛି, ସେଥିର ଯୋଗ୍ୟ ଆଚରଣ କର । ଅର୍ଥାତ୍ ସର୍ବପ୍ରକାର ନମ୍ରତା, ମୃଦୁତା ଓ ଦୀର୍ଘ ସହିଷ୍ଣୁତା ସହ ପ୍ରେମରେ ପରସ୍ପର ପ୍ରତି ସହନଶୀଳ ହୁଅ । ଶାନ୍ତିରୂପ ବନ୍ଧନରେ ଆତ୍ମାଙ୍କ ଐକ୍ୟ ରକ୍ଷା କରିବା ନିମନ୍ତେ ଯତ୍ନବାନ ହୁଅ ।'' (ଏଫିସୀ ୪:୧-୩) । ଯୀଶୁ ଆମ୍ଭମାନଙ୍କୁ ଏହି ଜୀବନରୁ ଅନନ୍ତଜୀବନକୁ କଢ଼ାଇ ନେବେ । ଏହି ପଥ କଠିନ ଓ ସଂକୁଚିତ । (ମାଥିଉ ୭:୧୩, ୧୪) କିନ୍ତୁ ଏହି କଠିନ ପଥରେ ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କ ସହବର୍ତ୍ତୀ ହେବେ ବୋଲି ପ୍ରତିଜ୍ଞା କରି ଅଛନ୍ତି । (ମାଥିଉ ୨୮:୨୦) ମରଣ ପର୍ଯ୍ୟନ୍ତ ବିଶ୍ୱସ୍ତ ରହି ତାହାଙ୍କ ଅନୁସରଣ କଲେ, ଜୀବନରୂପ ମୁକୁଟ ପ୍ରାପ୍ତ ହେବ ।

***- Wayne Barrier***

❋❋❋

# ବଳିଦାନରୁ ଶ୍ରେଷ୍ଠତର
## ( Things Greater than Sacrifice )

ପୁରାତନ କାଳରେ ପରମେଶ୍ୱରଙ୍କ ଲୋକେ ଅନେକ ପ୍ରକାର ବଳିଦାନ ଦେଉଥିଲେ । ପଶୁବଳି, ଖ୍ରୀଷ୍ଟଙ୍କ କ୍ରୁଶୀୟ ମୃତ୍ୟୁର ସଦୃଶ୍ୟ ଥିଲା । ମେଷ, ବୃଷ ପ୍ରଭୃତିର ସର୍ବୋତ୍କୃଷ୍ଟ ଜନ୍ତୁମାନେ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଅର୍ପିତ ହେଉଥିଲା ।

ବର୍ତ୍ତମାନ ସଦାପ୍ରଭୁ ଆତ୍ମ ସମର୍ପଣ ବଳିଦାନ ଲୋଡ଼ନ୍ତି । "........ହେ ଭାଇମାନେ, ମୁଁ ତୁମ୍ଭମାନଙ୍କୁ ଈଶ୍ୱରଙ୍କ ଦୟା ହେତୁ ବିନତୀ କରୁଅଛି, ତୁମ୍ଭେମାନେ ଆପଣା ଆପଣା ଶରୀରକୁ ସଜୀବ, ପବିତ୍ର ଓ ଈଶ୍ୱରଙ୍କ ସୁଗ୍ରାହ୍ୟ ବଳିରୂପେ ଉତ୍ସର୍ଗ କର; ଏହା ତ ତୁମ୍ଭମାନଙ୍କର ଯୁକ୍ତିଯୁକ୍ତ ଉପାସନା (ରୋମୀୟ ୧୨:୧) । ଆମ୍ଭମାନଙ୍କ ସମୟ, ଅର୍ଥ, ଆମ୍ଭମାନଙ୍କ ସମସ୍ତ ଏଥିରେ ଅନ୍ତର୍ଭୁକ୍ତ ଅଟେ ।"

ବଳିଦାନ ଠାରୁ ଶ୍ରେଷ୍ଠତର ବିଷୟରେ ଆମ୍ଭେମାନେ ପବିତ୍ର ଶାସ୍ତ୍ରରେ ପଢ଼ିଥାଉଁ । ଇଶ୍ରାଏଲ୍‌ର ରାଜା ଶାଉଲ, ଆମାଲେକୀୟମାନଙ୍କୁ ସମ୍ପୂର୍ଣ୍ଣଭାବେ ବିନାଶ କରିବା ନିମନ୍ତେ ସଦାପ୍ରଭୁ ଆଜ୍ଞା ଦେଇଥିଲେ । ଶାଉଲ ସଦାପ୍ରଭୁଙ୍କ ଆଜ୍ଞାନୁଯାୟୀ କର୍ମ କରିଥିଲେ ଓ ବିଜୟୀ ହେଲେ । ଶାଉଲ ଆମାଲେକୀୟ ପ୍ରତ୍ୟେକ ସ୍ତ୍ରୀ, ପୁରୁଷଙ୍କୁ, ବାଳକ ବାଳିକାଙ୍କୁ ବିନାଶ କଲେ, କିନ୍ତୁ ରାଜା ଆଗାଗଙ୍କୁ ଜୀବିତ ରଖି ଯିରୁଶାଲମକୁ ବନ୍ଦୀ କରି ଆଣିଥିଲେ ।

ଶାଉଲ ଅମାଲେକୀୟମାନଙ୍କୁ ସମ୍ପୂର୍ଣ୍ଣଭାବେ ବିନାଶ ନକରି, କେତୋଟି ହୃଷ୍ଟପୁଷ୍ଟ ମେଷ, ଗୋବତ୍ସ ବଞ୍ଚିତ ରଖି ଯିରୁଶାଲମକୁ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ବଳିଦେବା ନିମନ୍ତେ ଆଣିଥିଲେ । ସେ ଓ ତାହାଙ୍କ ସୈନ୍ୟ ଯୁଦ୍ଧରୁ ବାହୁଡ଼ି ଆସିବା ସମୟରେ ଭାବବାଦୀ ଶାମୁୟେଲ ତାହାଙ୍କୁ ଦେଖା କରିବା ନିମନ୍ତେ ତାହାଙ୍କ ନିକଟକୁ ଯାଇଥିଲେ । ବିଜୟୀ ହୋଇଥିବା ଶାଉଲ, ଶାମୂୟେଲଙ୍କ ଠାରୁ ଶୁଭେଚ୍ଛା ଅପେକ୍ଷାରେ ଥିଲେ । କିନ୍ତୁ ଶାମୁୟେଲ କହିଲେ,"........ମୋ କର୍ଣ୍ଣରେ ଯେ ମେଷରବ ହେଉଛି ଓ ମୁଁ ଯେ ଗୋରୁରବ ଶୁଣୁଛି, ଏଥିର ଅର୍ଥ କଅଣ ? ତହୁଁ ଶାଉଲ କହିଲେ, ସେମାନେ ଅମାଲେକୀୟମାନଙ୍କ ଠାରୁ ସେସବୁ ଆଣିଅଛନ୍ତି, କାରଣ ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ବଳିଦାନ କରିବା ନିମନ୍ତେ ଲୋକମାନେ ଉତ୍ତମ ମେଷ ଓ ଗୋରୁ ପ୍ରତି ଦୟା କଲେ, ମାତ୍ର ଅବଶିଷ୍ଟ ସକଳକୁ ଆମ୍ଭେମାନେ ବର୍ଜିତ ରୂପେ ବିନାଶ କରିଅଛୁ ।" (ପ୍ରଥମ ଶାମୁୟେଲ ୧୫:୧୪-୧୫) ତହୁଁ ଶାମୁୟେଲ କହିଲେ,"........ଯେପରି

ସଦାପ୍ରଭୁଙ୍କ ରବ ଶୁଣିବାରେ, ସେପରି କି ହୋମ ଓ ବଳିଦାନ ଠାରୁ ଓ ମନୋଯୋଗୀ ହେବା ମେଷମେଦ ଠାରୁ ଉତ୍ତମ ।'' (୨୨ମ ପଦ)

ସଦାପ୍ରଭୁ ସଦାବେଳେ ସମ୍ପୂର୍ଣ୍ଣ ଆଜ୍ଞାବହତା ଲୋଡ଼ନ୍ତି । ଅନାଜ୍ଞାବହତା, କିଅବା ଅସମ୍ପୂର୍ଣ୍ଣ ଆଜ୍ଞାବହତା ତାହାଙ୍କ ଗ୍ରାହ୍ୟଯୋଗ୍ୟ ନୁହେଁ । ଅନେକ ଅନେକ ପ୍ରକାର ଉତ୍କୃଷ୍ଟ ବଳିଦାନ ଦେଇପାରନ୍ତି, କିନ୍ତୁ ସମ୍ପୂର୍ଣ୍ଣ ଆଜ୍ଞାବହତା ବିନୁ ଅନ୍ୟସବୁ ବ୍ୟର୍ଥ । ଜଣେ ଆପଣା ଶରୀରକୁ ଦହନ ବଳି ରୂପେ ଉତ୍ସର୍ଗ କଲେ ହେଁ, ସମ୍ପୂର୍ଣ୍ଣ ଆଜ୍ଞାବହତା ବିନୁ ସବୁ ବ୍ୟର୍ଥ । ବଳିଦାନ ଠାରୁ ଶ୍ରେଷ୍ଠ ଦୁଇଟି ବିଷୟ ହୋଶେୟ ଭାବବାଦୀ ଆପଣା ପୁସ୍ତକରେ ୬:୬ ପଦରେ କହିଅଛନ୍ତି, ଯାହା କହେ, ''କାରଣ ବଳିଦାନ ନୁହେଁ, ମାତ୍ର ଦୟା ଓ ହୋମ ଅପେକ୍ଷା ପରମେଶ୍ୱରଙ୍କ ଜ୍ଞାନ ବାସନା କରୁ ।'' ଇଶ୍ରାଏଲୀୟମାନେ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଏକତ୍ର ହୋଇ, ତାହାଙ୍କ ଆଜ୍ଞାନୁସାରେ ଆରାଧନା କରୁଥିଲେ । ତଥାପି ସେମାନଙ୍କ ମଧ୍ୟରେ ଯାଜକମାନେ ମଧ୍ୟ ଆପଣା ପ୍ରତିବାସୀ ବିରୁଦ୍ଧରେ ପାପ କରୁଥିଲେ । ଦେଶରେ ନ୍ୟାୟ ଓ ସତ୍ୟର ଅଭାବ ଥିଲା । କାରଣ ସେମାନଙ୍କ ହୃଦୟରେ ଈଶ୍ୱରଙ୍କ ବିଷୟକ ଜ୍ଞାନ ନଥିଲା । ସେମାନଙ୍କ ଅଜ୍ଞାନତା ସେମାନଙ୍କ ଜୀବନରେ ପ୍ରସ୍ଫୁଟିତ ହେଉଥିଲା । ଅଜ୍ଞାନତା ସେମାନଙ୍କ ଜୀବନରେ ପ୍ରସ୍ଫୁଟିତ ହେଉଥିଲା ।

ଏହି ସମସ୍ୟା ଭାବବାଦୀ ମୀଖା ସମୟରେ ହିଁ ରହିଥିଲା । କାରଣ ସେ କହନ୍ତି,''ଆମ୍ଭେ କଅଣ ଘେନି ସଦାପ୍ରଭୁଙ୍କ ସମ୍ମୁଖରେ ଆସିବା ଓ ଊର୍ଦ୍ଧ୍ୱସ୍ଥ ପରମେଶ୍ୱରଙ୍କ ସମ୍ମୁଖରେ ପ୍ରଣାମ କରିବା ? ଆମ୍ଭେ କି ହୋମବଳି ରୂପେ ଏକ ବର୍ଷୀୟ ଗୋବତ୍ସମାନ ନେଇ ତାହାଙ୍କ ସମ୍ମୁଖକୁ ଆସିବା ? ସହସ୍ର ସହସ୍ର ମେଷରେ ଅବା ଅୟୁତ ତୈଳର ନଦୀରେ ସଦାପ୍ରଭୁ କି ପ୍ରସନ୍ନ ହେବେ ? ଆମ୍ଭେ ଆପଣା ଆଜ୍ଞାଲଂଘନ ସକାଶେ କି ଆପଣା ପ୍ରଥମ ଜାତକୁ, ଆତ୍ମ ପ୍ରାଣର ପାପ ସକାଶେ କି ଆପଣା ଶରୀରର ଫଳଦାନ କରିବା ? ହେ ମନୁଷ୍ୟ, ଯାହା ଉତ୍ତମ, ତାହା ସେ ତୁମ୍ଭକୁ ଜଣାଇଅଛନ୍ତି, ନ୍ୟାୟଚରଣ ଭଲ ପାଇବା ଓ ନମ୍ରଭାବରେ ଏହାଛଡ଼ା ସଦାପ୍ରଭୁ ତୁମ୍ଭଠାରୁ ଆଉ କଅଣ ଚାହାନ୍ତି ? (ମୀଖା ୬:୬-୮)

ଏହି ଅନୁଗ୍ରହର ଯୁଗରେ ପ୍ରଭୁଙ୍କ ଦିନରେ ମଣ୍ଡଳୀଭାବେ ସମାବେଶ ହୋଇ ଗୀତ ଗାଇବା, ପ୍ରାର୍ଥନା କରିବା, ପ୍ରଭୁଙ୍କ ବାକ୍ୟ ଉପଦେଶ ଶୁଣିବା, ପ୍ରଭୁଭୋଜରେ ଭାଗୀ ହେବା ନିତାନ୍ତ ଆବଶ୍ୟକ । କିନ୍ତୁ ସମ୍ପୂର୍ଣ୍ଣ ହୃଦୟ ସହ ପରମେଶ୍ୱରଙ୍କୁ ପ୍ରେମ ନ କରି ପ୍ରତିବାସୀକୁ ଆତ୍ମତୁଲ୍ୟ ପ୍ରେମ ନ କଲେ ଆମ୍ଭମାନଙ୍କ ଉପାସନା ବ୍ୟର୍ଥ ହେବ । ନମ୍ରତା ସହ ପରମେଶ୍ୱରଙ୍କ ଅନ୍ୱେଷଣ କରି, ତାହାଙ୍କ ଆଜ୍ଞାବହ ହେଉ । ଅନ୍ୟମାନେ

ଆମ୍ଭମାନଙ୍କୁ ଯେପରି ବ୍ୟବହାର କରନ୍ତୁ ବୋଲି ଇଚ୍ଛା କରୁ, ସେମାନଙ୍କ ପ୍ରତି ସେପରି ବ୍ୟବହାର କରୁ । ବିଶ୍ୱାସ ସହ କର୍ମ କରିବା ହିଁ ଖ୍ରୀଷ୍ଟଧର୍ମର ମୂଳଦୁଆ ଅଟେ ।

ଆଜ୍ଞାବହତା, ଦୟା, ପ୍ରେମ, ପରମେଶ୍ୱରଙ୍କ ବିଷୟକ ଜ୍ଞାନ ବଳିଦାନ ଠାରୁ ଶ୍ରେଷ୍ଠତର ଅଟେ ।

***- Roy Beasley***

❋❋❋

# ପରୀକ୍ଷା ସମୟରେ...

## ( During Times of Trial )

ଖ୍ରୀଷ୍ଟିୟାନମାନେ ପରୀକ୍ଷା ସମୟରେ କିପରି ବ୍ୟବହାର କରିବା ଆବଶ୍ୟକ ? ବେଳେ ବେଳେ ସମ୍ମୁଖରେ ଥିବା ସମସ୍ୟାକୁ ଆମ୍ଭେମାନେ ସମାଧାନ କରି ନପାରୁ । ଏହି ସମୟରେ ଆମ୍ଭେମାନେ ପରମେଶ୍ୱରଙ୍କ ବାକ୍ୟ ନିକଟକୁ ଯାଉ । ତାହା ହିଁ ଆମ୍ଭମାନଙ୍କ ପଥଦର୍ଶକ ।

ଆମ୍ଭମାନଙ୍କ ମାନସିକ ସ୍ଥିତିକୁ ଆପଣା ଅଧୀନରେ କରିବା ନିମନ୍ତେ ପରମେଶ୍ୱରଙ୍କ ନିକଟରେ ଭିକ୍ଷା କରୁ ! ପ୍ରାର୍ଥନା ଦ୍ୱାରା ତାହାଙ୍କ ସାନ୍ନିଧ୍ୟକୁ ଯାଇ ତାହାଙ୍କ ସାହାଯ୍ୟ ମାଗିଲେ ସେ ଆମ୍ଭମାନଙ୍କ ସମସ୍ୟାର ସମାଧାନ କରିବେ । ଆମ୍ଭମାନଙ୍କ ସୂକ୍ଷ୍ମ ମାନସିକ ଅବସ୍ଥା ଆମ୍ଭମାନଙ୍କ ବିଚାରଶକ୍ତି ଉପରେ ପ୍ରଭାବ ପକାଇଥାଏ । ‘‘ହଁ, ଏହି କାରଣରୁ ତୁମ୍ଭେମାନେ ଅତି ଯତ୍ନ ସହକାରେ ବିଶ୍ୱାସ ସହିତ ସଦ୍‌ଗୁଣ, ସଦ୍‌ଗୁଣ ସହିତ ଜ୍ଞାନ ଓ ଜ୍ଞାନ ସହିତ ସଂଯମ, ସଂଯମ ସହିତ ଧୈର୍ଯ୍ୟ, ଧୈର୍ଯ୍ୟ ସହିତ ଧର୍ମପରାୟଣତା, ଧର୍ମପରାୟଣତା ସହିତ ଭ୍ରାତୃସ୍ନେହ, ପୁଣି ଭ୍ରାତୃସ୍ନେହ ସହିତ ପ୍ରେମ ଯୋଗ କର । ଏହିସବୁ ତୁମ୍ଭମାନଙ୍କ ଠାରେ ବୃଦ୍ଧି ପାଇଲେ, ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ବିଷୟକ ଜ୍ଞାନରେ ପୂର୍ଣ୍ଣତା ଲାଭ କରିବା ନିମନ୍ତେ ତୁମ୍ଭମାନଙ୍କୁ ଶିଥିଳ ଓ ଫଳଶୂନ୍ୟ ହେବାକୁ ଦେବ ନାହିଁ ।’’ (୨ ପିତର ୧:୫-୮)

ଆମ୍ଭମାନଙ୍କୁ ପଥ ଦେଖାଇବା ନିମନ୍ତେ ସଦାପ୍ରଭୁଙ୍କୁ ପ୍ରାର୍ଥନା କରିବା ସମୟରେ, ‘‘ଏପରି ପରିସ୍ଥିତିରେ ଯୀଶୁ କଅଣ କରିଥାନ୍ତେ ?’’ ବୋଲି ଆପଣାକୁ ପ୍ରଶ୍ନ କରୁ । ଆମ୍ଭମାନଙ୍କ ହୃଦୟରେ କାର୍ଯ୍ୟ କରୁଥିବା ଆତ୍ମାଙ୍କ ଫଳ ବିଷୟରେ ପ୍ରେରିତ ପାଉଲ କହନ୍ତି,‘‘କିନ୍ତୁ ଆତ୍ମାଙ୍କ ଫଳ ପ୍ରେମ, ଆନନ୍ଦ, ଶାନ୍ତି, ଦୀର୍ଘ ସହିଷ୍ଣୁତା, ପରୋପକାରିତା, ଭଦ୍ରତା, ବିଶ୍ୱସ୍ତତା, ମୃଦୁତା ଓ ଆତ୍ମସଂଯମ, ଏହି ସମସ୍ତ ବିରୁଦ୍ଧରେ କୌଣସି ବ୍ୟବସ୍ଥା ନାହିଁ ।’’ (ଗାଲାତୀ ୫:୨୨,୨୩)

ଖ୍ରୀଷ୍ଟ ଆମ୍ଭମାନଙ୍କ ଦୟା ଓ ପ୍ରେମ ବିଷୟରେ ଶିକ୍ଷା ଦିଅନ୍ତି । ଯେଉଁମାନେ ଆମ୍ଭମାନଙ୍କୁ ତାଡ଼ନା କରନ୍ତି ସେମାନଙ୍କ ପ୍ରତି ଆମ୍ଭେମାନେ ଦୟାଭାବ ନ ପ୍ରକାଶ କଲେ, ଆମ୍ଭମାନଙ୍କ ଅଇଷ୍ଟ ଲୋକମାନଙ୍କ ପ୍ରତି କୋମଳ ବ୍ୟବହାର କରି ନପାରିଲେ, ଅନ୍ୟମାନଙ୍କୁ କ୍ଷମା କରି ନପାରିଲେ, ସଦାପ୍ରଭୁଙ୍କ ଠାରୁ ଆମ୍ଭେମାନେ କ୍ଷମାଭିକ୍ଷା କିପରି ଆଶା କରିବା ? ଦିନ ଆସିବ, ଯେଉଁ କ୍ଷମା ଅନ୍ୟମାନଙ୍କୁ ଦେବାକୁ ଆମ୍ଭେମାନେ ଅନିଚ୍ଛୁକ, ସେହି 'କ୍ଷମା' ସଦାପ୍ରଭୁଙ୍କ ଠାରୁ ଆମ୍ଭମାନଙ୍କୁ ଆବଶ୍ୟକ ହେବ ।

ଖ୍ରୀଷ୍ଟ ପ୍ରଭୁ ଯେପରି ଆମ୍ଭମାନଙ୍କୁ ନିତ୍ୟ 'କ୍ଷମା' କରି ଆସୁଅଛନ୍ତି, ଆମ୍ଭେମାନେ ସେପରି ଅନ୍ୟମାନଙ୍କୁ 'କ୍ଷମା' କରୁ !

***- Jesus Rodriguez***

❋❋❋

# ଅଧାର୍ମିକମାନଙ୍କ ଉଦାହରଣ

## ( Examples of Unrighteousness)

ଅନେକ ଅଧାର୍ମିକ ବ୍ୟକ୍ତିମାନଙ୍କ କାହାଣୀ ଆମ୍ଭେମାନେ ବାଇବଲରେ ପଢ଼ିଥାଉ । ହେବଲ ଏକ ଧାର୍ମିକ ବ୍ୟକ୍ତି ବୋଲି କୁହାଯାଇଥିବା ସମୟରେ, ତାହାଙ୍କ ଭ୍ରାତା କୟିନ ଅଧାର୍ମିକ ଓ ନରଘାତକ ବୋଲି ୧ମ ଯୋହନ ୩:୧୨ ପଦରେ ପଢ଼ିପାରୁ । ସଦୋମ ଓ ଗାମୋରାବାସୀମାନେ ଅଧାର୍ମିକତାର ଉତ୍ତମ ଉଦାହରଣ (୨ ପିତର ୨:୬) । ଈଶ୍ୱରବିହୀନ ଜୀବନ ହିଁ ଅଧାର୍ମିକତା । ଇଶ୍ରାଏଲ ଜାତି ଅନେକ ସମୟରେ ପରମେଶ୍ୱରଙ୍କୁ ପରିତ୍ୟାଗ କରିଥିଲେ । ପ୍ରାନ୍ତରରେ ବାଛୁରୀର ଏକ ସୁବର୍ଣ୍ଣ ପ୍ରତିମାକୁ ପ୍ରଣାମ କରି ଉପାସନା କରିଥିଲେ । ସେମାନଙ୍କ ହୃଦୟ କଠିନତା ଯୋଗୁଁ ପ୍ରାନ୍ତରରେ ଚାଳିଶି ବର୍ଷ ଯାଏ ଭ୍ରମଣ କଲେ । (ଗଣନା ୧୩:୩୦-୧୪:୪, ଏବ୍ରୀ ୩:୮-୧୭) ଅନ୍ୟାନ୍ୟ ଜାତି ସଦୃଶ୍ୟ ସେମାନେ ଏକ ରାଜା ଦ୍ୱାରା ପରିଚାଳିତ ହେବାକୁ ଦାବୀ କରି, ସଦାପ୍ରଭୁ ପରମେଶ୍ୱରଙ୍କୁ ଅଗ୍ରାହ୍ୟ କଲେ । ସେମାନଙ୍କ ରାଜାମାନଙ୍କ ଅନାଜ୍ଞାବହତା ଯୋଗୁଁ ଇଶ୍ରାଏଲ ଦେଶର ପତନ ହୋଇଥିଲା । ସେମାନେ ଅଶ୍ୱରୀୟ ଓ ବାବିଲୋନୀୟ ମାନଙ୍କ ଦ୍ୱାରା ବନ୍ଦୀରୂପେ ନୀତ ହୋଇଥିଲେ, ଯୀଶୁଖ୍ରୀଷ୍ଟ ଫାରୁଶୀମାନଙ୍କ ଦୁର୍ନୀତି ତିରସ୍କାର କରିଥିଲେ । (ମାଥିଉ ୨୩:୧୩-୩୩) ସମସ୍ତ ଦୁର୍ନୀତି ଅଧାର୍ମିକତା ଅଟେ । ଅଧାର୍ମିକମାନେ ଶେଷରେ ନିତ୍ୟ ଶାସ୍ତି ଭୋଗ କରିବେ ।

(୧ମ କରିନ୍ଥୀ ୬:୮-୧୦, ପ୍ରକାଶିତ ୨୧:୮) କିନ୍ତୁ ମନୁଷ୍ୟର ଅଧାର୍ମିକତା, ଧାର୍ମିକତାରେ ପରିବର୍ତ୍ତିତ ହୋଇପାରେ । ରୋମୀୟମାନଙ୍କୁ ଲେଖିଥିବା ପତ୍ରିକାରେ, ପ୍ରେରିତ ପାଉଲ ମନୁଷ୍ୟମାନଙ୍କ ଅଧାର୍ମିକତା ବିଷୟରେ ବର୍ଣ୍ଣନା କରିଅଛନ୍ତି । (ରୋମୀ ୪:୯, ୧୦,୨୩) ପତ୍ରିକାର ପ୍ରଥମ ତିନି ଅଧ୍ୟାୟରେ ଯିହୂଦୀ ଓ ବିଜାତି ଉଭୟଙ୍କ ଅପରାଧ ବିଷୟରେ ପାଉଲ ବର୍ଣ୍ଣନା କରନ୍ତି । ଅଧାର୍ମିକତା ବଂଶ ପରମ୍ପାରିକ ନୁହେଁ । (ଯିହିଜିକଲ ୧୮:୪, ୨୦-୨୪, ମାଥିଉ ୧୮:୩) ଅଧାର୍ମିକତା ବା ପାପ ମନୁଷ୍ୟ ସ୍ୱୀକୃତ । (୧ମ ଯୋହନ ୧:୧୦, ୩:୪) ମନୁଷ୍ୟ କିପରି ଅଧାର୍ମିକତାର ସ୍ଥିତିରୁ ଅଧାର୍ମିକତାରୁ ସ୍ଥିତିକୁ କିପରି ପରିବର୍ତ୍ତିତ ହୋଇପାରିବ ପ୍ରେରିତ ପାଉଲ ରୋମୀୟ ୧୬:୧୬-୧୮ ପଦରେ ଲେଖିଅଛନ୍ତି । ଆମ୍ଭେମାନେ ଯେଉଁ ଶିକ୍ଷା ପାଇଅଛୁ, ତାହା ହୃଦୟପୂର୍ବକ ଆଜ୍ଞାବହ ହେବା ନିମନ୍ତେ ୧୭ ପଦ ଆମ୍ଭମାନଙ୍କୁ ଆଦେଶ ଦିଏ । ଅର୍ଥାତ୍ ଜଣେ ସୁସମାଚାର ଶ୍ରବଣ କରି, ପାପରୁ ମନ ପରିବର୍ତ୍ତନ କରି, ଈଶ୍ୱରଙ୍କୁ ଜୀବିତ ଈଶ୍ୱରଙ୍କ ପୁତ୍ର ରୂପେ ସ୍ୱୀକାର କରି, ପାପକ୍ଷମା ନିମନ୍ତେ ବାପ୍ତିଜିତ ହୋଇ, ବାକ୍ୟାନୁଯାୟୀ ଜୀବନଯାପନ କରୁ । ଶୟତାନର ପ୍ରତିରୋଧ କରି, ଈଶ୍ୱରଙ୍କ ଆଜ୍ଞାବହ ହେଉ । (୧ମ ଥେସଲନୀକୀ ୧:୯, ଯାକୁବ ୪:୭)

ପ୍ରତ୍ୟେକ ବ୍ୟକ୍ତି ଧାର୍ମିକର ମରଣ ମରିବା ନିମନ୍ତେ ଆକାଂକ୍ଷିତ ହେବା ସ୍ୱାଭାବିକ । ଧାର୍ମିକର ମରଣ ମରିବା ନିମନ୍ତେ, ଧାର୍ମିକତାର ଜୀବନଯାପନ କରିବା ଅତ୍ୟାବଶ୍ୟକ । (ଗୀତ ୧୬୬:୧୫, ହିବ୍ରୁ ୧୪:୨୩, ପ୍ରକାଶିତ ୧୪:୧୩) ।

*- Truth for the World*

❋ ❋ ❋

**Edited & Published by : Kabita & Joshua Gootam**

# The Conquerors

Jesus and Alexander died at thirty-three,
One lived and died for self; one died for you and me.

The Greek died on a throne; the Jew died on a cross;
One's life a triumph seemed; the other but a loss.

One led vast armies forth; the other walked alone,
One shed a whole world's blood; the other gave His own.

One won the world in life and lost it all in death;
The other lost His life to win the whole world's faith.

Jesus and Alexander died at thirty-three,
One died in Babylon, and one on Calvary

One gained all for himself; and one Himself He gave.
One conquered every throne; the other every grave.

The one made himself God, the God made Himself
less. The one lived but to blast, the other but to bless.

When died the Greek, forever fell the throne of swords.
But Jesus died to live, forever Lord of lords.

Jesus and Alexander died at thirty-three,
The Greek made men slaves, the Jew made all men free.

One built a throne on blood; the other built on love.
The one was born of earth, the other from above.

One won all of the earth, to lose both earth and heaven.
The other gave up all, that all to Him be given.

The Greek forever died; the Jew forever lives.
He loses all who gets, and wins all things who gives.

Charles Ross Weede

## The Lord is My...

Provider - I am satisfied.
Teacher - I am instructed.
Shelter - I am covered.
Rock - I am secure.
Victory - I am triumphant.
Shepherd - I am cared for.
Captain - I am protected.
Encourager - I am built up.
Salvation - I am delivered.
Healer - I am whole.
Rest - I am comforted.
Guide - I am directed.
Confidence - I am assured.
Maker - I am loved.
Father - I am accepted.
Deliverer - I am free.

- Best to You

FROM :
SATYA VANI
P.O.BOX.80,
KAKINADA - 533 001.

PRINTED BOOK ONLY

To

(FOR PRIVATE CIRCULATION ONLY)